ଭାବ ମଞ୍ଜରୀ — ଶ୍ରୀ ଗୁରୁ ଅରକ୍ଷିତ ଦାସ

"ରାମଦାସ ତେର ଜନ୍ମ ଚରଣ" - ଅଂଶବିଶେଷ

. . . . . . . (missing lines)

ସତ୍ୟ ଗଲା ଆପସରି ...

ଭୂପତୀର ପଦେ ଭାବ ରହିଥାଏ, ଭାବଗ୍ରାହୀ ହୃଦେ ବାସ
କର୍ମଯୋଗ ସୂତ୍ର, ଧ୍ୟାନଯୋଗେ ଥାଏ, ସଦା ହେଉଥାଉ ଦାସ
ହେତୁକର ବ୍ରହ୍ମଧ୍ୟାନ, ଚେତୋ, ଚୈତନ୍ୟ ମନ
ଅଯୁନା ମୁନ ସମୁଦ୍ର, ଅମୁହୂର୍ତ୍ତ ଘର
ଭବମତି ଭୂଷଣ ଶୀରୀ, ସତ୍ୟ ଗଲା ଆପସରି, ତ୍ରେତୟା ପୁରି...
ଶୁଣ ଅଗଧାନି ଜ୍ଞାନଯୋଗ ରସ, ରାମ ଜନମ ତ୍ରେତୟାରୁ ତଥ୍ୟ -

ଭବ କୁଞ୍ଜରେ ଭାବ ରହିଥାଉ, ଧ୍ୟାନ ଶରଣି ସୂତ୍ରେ ଭାବ ରହି,
ଆଦ୍ୟ ପାଦରେ ଜନମ ତୋହର, ଭାବଗ୍ରାହୀ ହୋଇଲା ନାମ ତୋର।
ଭବ ଭୂଷଣ ବାରିଧି କରଣ, ବାଣିଜ୍ୟ ଜିବିକା ତାର ପ୍ରମାଣ,
ବଣିକ କୂଳେ ଜାତ ଗଲା ଦିନ, ବାଳକୃଷ୍ଣ ପିଅର ତାର ନାମ।
ଜ୍ଞାନାବତୀ ମାତୃ ନାମ ରହିଲା, ଆଦ୍ୟ ତ୍ରେତୟା ସତ୍ୟ ସରିଗଲା
ଗୃହେ ଗୃହସ୍ଥି ପଣ ହେଲା ଶେଷ, ଭାବ କୁମୁଦେ ଦେଖୁ ବ୍ରହ୍ମରୂପ
କାଳାନିଧି ଜେଲେ ତୋର ଜନମ, କାଳ ରୂପକୁ କଲୁ ତୁ ଦର୍ଶନ

ଦ୍ୱିତୀୟ ଜନମ ସୂତ୍ର ତ୍ରେତୟାରେ ଭାବରୂପ
ଗୋପାଳ କୁଳେ ଜନମ ଶରଧା ବହି
ଭାବ ସଙ୍ଗେ ଭବର ନିତି, ଭାବଗ୍ରାହି ଶିରୀପତି ଜ୍ଞାନମୂରତି
ଅଭୟ ପଦ ଦର୍ଶନ, ଯୋଗହେତୁ ବ୍ରହ୍ମଜ୍ଞାନ, ଭବସାଗରେ ବୁଡ଼ିଲୁ ଅଭୟପଦ
ଯଉବନ ହାରିଲୁ ତୁହି, ବିପଦ ପଣରେ ମତ ଐଶ୍ୱର୍ଯ୍ୟ ପାଇ
ନ ଲୋଡ଼ିଲୁ ଦିନେ ହରି, ନ ପୂଜିଲୁ ଦଇତାରି, ନ ଚିହ୍ନିଲୁ ତିଳକକୁ, ନ ଲୋଡ଼ୁ ଗୁରୁ
ଭବମତି ଭବ ଜିତାଇ, ତେଣୁ କହିଲେ ତୋର ପ୍ରଭୁ ବ ଶିରୀ
ମଧୁକଣ୍ଠ ନାମ ତୋହର, ମଧୁହାରି ପଦେ କର୍ମ କଲୁ ଟିକର
ପିତୃ ତୋର ଜଗାନନ୍ଦ
ଐଶ୍ୱର୍ଯ୍ୟ ବିଭବ ମତ ମାତି ମାତ ଲିଳା ହେଲା ନିତ୍ୟ, ଦ୍ୱିତୀୟ ଗଲା ...

ତୃତୀୟରେ ପାଦ ଜନମ -
କୈବର୍ତ୍ତ କୂଳେ ଜନମ ଅବନ୍ତି ସ୍ଥାନ
କ୍ଷେତ୍ରର ରୂପ ତୋର କୈବର୍ତ୍ତ କଳେବର
ମୀନଚାଷ ହେଲା ତୋର ଶିରୀ ବୃଡ଼ିଲା
ବହେ ମଦ ପଦ ଫଜରେ, ଉପମ ହୋଇଲା ଶଶୀ ତ୍ରିଂଶ ଠାବରେ
ଜଳେ ମୀନ ରୂପ ଦେଖି, ଜଳଧର ନିରୀମାଖି
ପିଶାଚ ପଣତି ଗଲା, ତ୍ରିପୁରା ମାଳା
ହୃଦେ ହେଲା ମାଳା ତୋହର - ମାଳା ତୋର ପଦେ ମାଳା ଦିନଟି ସାର

ଜ୍ଞାନଯୋଗ ହୃଦେ ରହି ଅଜ୍ଞାନରେ ଭାବଗ୍ରାହି, ପୁଣି ବିଟିଲା ତ୍ରିକାଳ ଭକ୍ତଭାବ
ଦୟାମୟୀ ପରିତୋଷରେ – ବରଦେଲେ ଗଂଗାକୂଳେ ଯୋଗ ଆସରେ
ଯୋଗୀଜନ ଜର୍ମମନ ଅପଘନ ବୃନ୍ଦାବନ, ଶେଷଲୀଳା ସମ୍ପୂର୍ଣ୍ଣ ବୃନ୍ଦାବନରେ
କୁଂପା ସଂଗେ ବିହରୁଥିଲୁ ··· ରାଧେ ରାଧେ କୃଷ୍ଣପଦ ନିତ୍ୟ ଜପିଲୁ
ସରିଲା କାଳ ଆବର ଷଡ଼ଜନ୍ମ ଭାବଧାର, ପିଟରିଲା ଭବନକୁ ଶଙ୍ଖ ହସିଲା ···
ମଣିପୁରେ ମଣିତନୟ ··· ଲୁହଲୀଳା ସରିଗଲା ବୃନ୍ଦାବନର ···
ଅଟିପଟି ହଜିଗଲା, ଅଗାଧ ଜ୍ୟୋତି ହସିଲା

ସପ୍ତମ ଜନମେ ସପ୍ତ ସଂଖରେ ସଖା, ନାମ ଥିଲା ତୋର ଚିରହି
ନଳ ନାମ ବହିଥିଲୁ ··· ତ୍ରେତୟା ରହି '
ଶେଷଭାଗେ ଭଜ ଦିଅ, ଅଚମତି ପଦଦ୍ୱୟ ଭାବଗ୍ରାହି ରାମରୂପ କଲୁ ଦର୍ଶନ
ସେ ଭାବକୁ ପରମପଦ, ମଟର୍କେ ନମ ସପ୍ତ ହୋଇଲ୍ଲୀ ଭୋଗ
ଯୋଗାସନ ଯୋଗଧ୍ୟାନ ଯୋଗୀପଣ ଯୋଗାସନ
ଅବିଦ୍ୟା ବିଦ୍ୟା ସାଧିଲୁ ନଳ ଦତ୍ତରେ
ତ୍ରିକାଳଜ୍ଞ ସମ ହୋଇଲୁ, ତ୍ରେତୟା ତ୍ରିପୁରା ପୁର ଜ୍ଞାନ ସାଧିଲୁ
ଆଗତ ବିଗତ ଯୋଗ, ଉପଯୋଗ, ଭବଯୋଗ, ଧାରଣ, ତରଣ ବିଦ୍ୟା, ଦଶଧା ସାଧି
ନଳ ନାମ ବହିଣ ଥିଲୁ
ଅଭୟ ପଦ ଫଳରେ ଜନମ ହେଲୁ

ଦିନ ହସିଗଲା କାଳ ବୁଡ଼ିଗଲା ତ୍ରେତୟା ହେଲା ଆଧାର
ଅଷ୍ଟମ ଜନମ ଦ୍ୱାପରରେ ହସିଲା ଜନ୍ମ ହେଲୁ ଗୋପପୁର
ଷୋଳ ସହସ୍ର ଗୋପାଳ ବାଳରେ ଖେଳି ଆନନ୍ଦିଲେ କୃଷ୍ଣ
ସାକ୍ଷାତେ ଅଚ୍ୟୁତ ପରମ ବ୍ରହ୍ମ ସେ ଭକ୍ତ ଜନ ମନ ଜନ
ଗୋପାଳ କୁଳରେ ଜନମ ହୋଇଲୁ ବାଳ ଲୀଳା ଗୋପ ଖେଳ
ଆଦ୍ୟ ପାଦ ଗଲା ସରିଲା ଟିମିଲା ପିତୃନାମ ଘୋଷ ପୁତ୍ର
ଦୈତାରି ନାମ ହୋଇଲା ଗୋପାଳ ପିଅର ତୋ ନାମ ସ୍ଥିର
ଶାଣ୍ଡି ପିଜାରନ୍ତି ନାମ ବହିଥିଲା ଜନମିଲା ହେ କୁମର
ନାମ ଦେଇଥିଲେ ପିଅର ତୋହର, ସଦାନନ୍ଦ ଡାକେ ମାତ
ଗୋପାଳ ଡାକନ୍ତି କଙ୍କୁଟୁଆ ନାମ, ଫଂଶନଧେ ଜାଲା ତୋର
ଶ୍ରୀକୃଷ୍ଣ ଡାକନ୍ତି ମଧୁ, ମଧୁ, ବୋଲି ଜନେ ଡାକୁଥାନ୍ତି କାଳ
ଭବମଧ୍ୟେ ଭାବଗ୍ରାହି ରୂପ ଥିଲା ତୋ ହୃଦ ଭାବ ଫଳର
ଆଦ୍ୟପାଦ ଗଲା ଗୋପପୁର ଗଲା ଗୋପାଳେ ଚୁଇ ହୋଇଲେ ଚୁର
ମଥୁରାରେ ମଧୁରାରି ରୂପେ ଜାତ ଶ୍ରୀକୃଷ୍ଣ ହେଲେ ଆବର

ଭଜନ ଭେଣିତ ଦେଖୁଥାନ୍ତି ଭକ୍ତ ଏକା କୃଷ୍ଣ ରୂପ ସାର ତାର
ମୁରଲି ତେଜିଲେ ଚକ୍ରିରୂପ ହେଲେ ଚକ୍ରାକାର କଳେବର
ସୁଦାମା ରୂପରେ ଜନମ ହୋଇଲେ ଭାବଭକ୍ତିଆ ରୂପ
ନବମ ଜନମ ନବ ଯୋଗ ଯୁକ୍ତ ନବଭକ୍ତି ଯୋଗ ସୂତ୍ର
ନବଧା ଭକ୍ତିରେ ବାନ୍ଧିଲେ ସରବେ ନବଯୋଗାକାରୀ ଜନ
ନବଯୌବନ ପ୍ରକଟି ଉଠିଲା ପାଇକରି କୁଂଜବନ
ମାତାନାମ ତୋର ମାଧବୀ ଥିଲାଟି ପିଅରଟି କୃପାଜଳ
ନାମ ଥିଲା ତୋର ଶ୍ରୀଧର ନାମରେ କର୍ମ ଥିଲା ହୃତାର

ଦିନ ବୁଡ଼ିଗଲା ଭାବ ବୁଡ଼ିଗଲା କର୍ମ ବୁଡ଼ିଗଲା ତୋର
ତୃତୀୟ ଜନମ ହୋଇଲା ଦ୍ୱାପର ନାମ ଥିଲା କଳା ତୋର
ମ୍ଲେଚ୍ଛ ଜନ୍ମ କୁଳେ ଜନମ ହୋଇଥିଲ ନାମ ଯାର
ଅଜାମର ବଂଶ ଜନମ ଲଭିଲୁ କଳଙ୍କିତ କଳେବର
ଯମୁନା ସ୍ରୋତକୁ ମୁନେ ଝାଂପୁଥିଲୁ ଅବୁଝା କରମ ଯାକି
ଯେଦିନୁ ଦେଖିଲୁ କୃପାକର ରୂପ ଉଦେ ହେଲା ଯୋଗ ତୋର
ଗୃହସ୍ଥ ପଣରେ ଦିନ ବୁଡ଼ିଗଲା ଟିକର ଦାସ କ ପରାୟୁ
କୃଷ୍ଣ ପଦାମୃତ ପାନ ହେଲା ଯାର ସେତ ଅଟେ ମକରଂଦ
ଭଜରଂଗଟିଆ ଜନେ ଦେଖୁଥିଲେ ଜଣେ ଦେଖୁଥିଲେ ଶିରୀ
ଶ୍ରୀପତି ପଦ ଅଯୋନି ସମ୍ଭୂତ କୃଷ୍ଣରୂପ କଳାଧାରି

ତିନି ଜନମ ଗଲା ଦ୍ୱାପର ହଜିଲା କଳି ହେଲା ଅଲଂକାର
କଳା କଳେବର କହ୍ନେଇ ହଜିଲେ ରୂପ ହଜିଗଲା ତୋର
କଳିରେ ଜନମ ଶ୍ରୀକ୍ଷେତ୍ରରେ ତୋର ଜନ୍ମଯୋଗ ରୂପ ଚାରି
ଅଭୁକ୍ତ ପଂଜରେ ଯାହା ଲୋଡ଼ୁଥିଲୁ ଗୋପେ ଜନ୍ମ ରୂପ ଧରି
ମାଗିଥିଲୁ ଯାହା ଯାଚିଦେଲେ ତାହା ନିଜେ କୃପାକରି ପଦ
ଶ୍ରୀକ୍ଷେତ୍ରରେ ରହି ଜନମ ଲଭିଲୁ ପୂର୍ବ କର୍ମ ହେଲା ଯୋଗ
କଳା କହ୍ନେଇ ଯେ ଯାଚିଦେଲେ ନିର୍ମାଲ୍ୟ ରନ୍ଧନେ ତାର
କର୍ମ ରହିଥିଲା ଯୋଗ ସୂତ୍ର ହେଲା ନିତ୍ୟ ଭୋଗ କୈବଲ୍ୟ
ଯୋଗାସନ ଧ୍ୟାନ ସର୍ବ ରହିଥିଲା ଜନ୍ମ ହେଲା ଶିରୀପତି
ଭବଜନବନ୍ଧୁ ପାଦେ ବାଛିଦେଲେ ଶିରିପା ବାନ୍ଧିଲେ ମଟି
ଭାବ ବିନୋଦିଆ ଭକତ ମଣ୍ଡୁଆ ନିଜେ କଳାକର କାହ୍ନୁ
ଶେଷ ସୂତ୍ର ଯାର ପଣେ ଗାଡ଼ି ବାନ୍ଧି କୈବଲ୍ୟଟି ଭବ ବିନ୍ଧୁ
ଆଜନ୍ମ ଜନ୍ମକୁ ଯୋଗ ରହିଥିଲା ବ୍ରହ୍ମଚାରୀ ରୂପ ତୋର
ନାମ ରହିଥିଲା ଶ୍ରୀଧର ନାମରେ ସୁପକାର କର୍ମ ତୋର
ତୋହସ୍ତ ରନ୍ଧନ ଚାଖୁଥାଇ ସମ ଚାଖୁଥିଲେ କଳା ବସି
ମାତା ରହିଥିଲା ଅମ୍ବିକା ତା ନାମ ପିତୃନାମ ଯୋଗ ଶଶି
ଶଶି ନାମ ଯାର ଜ୍ୟୋକାର କର ଭବ ମଧ୍ୟେ ଭାବଗ୍ରାହି
ଅଷ୍ଟମ ମାସରେ ଅଷ୍ଟମୀ ଆ ଦିନରେ ଜନ୍ମ ତୋର ଥିଲା ରହି
ଶିରିପୁର ନାମ ଗ୍ରାମ ରହିଥିଲା ପଦ୍ମନାଭି ମଣ୍ଡଳର
ଦିନ ସରିଗଲା କାଳ ବୁଡ଼ିଗଲା କର୍ମ ସରିଗଲା ତୋର

ଦ୍ୱିତୀୟ ଜନମ ହେଲା ଯୋଗସୂତ୍ର, ଭାବଟି ରହିଲା ପଛେ
ଭାବଗ୍ରାହି ସଂଗେ ଭକ୍ତ ବିନୋଦିଆ ଜନମ ଲଭିଲା ଏଥେ
ବିରଜା ହୋଇଲା ଜନ୍ମଦାତ୍ରୀ ତୋର ଭବବିନୋଦିଆ ହରି
ତୋତେ ଜନ୍ମଦେଲେ ଭାବ ବିତରିଲେ କୃପାବୃନ୍ଦେ ଅବତରି
ଓଡ଼କଣ୍ଠା ଗ୍ରାମ ନାମ ହୋଇଥିଲା ଓଡ଼ସୂତ୍ର ଥିଲା ତାର
ଓଡ଼କୁଳ ଗୋତ୍ର କରଣୀ କାଟିଲା ଜନ୍ମକୁଳ ହେଲା ଓଡ଼
ଓଡ଼ପଣ ତୋର ନ ଥିଲାଟି ଦୋଷ ନିରିମାଖୁ ପଣେ ବାସ
ପୂର୍ଣ୍ଣଗୃହସ୍ଥିଆ ପଣେ ଦିନ ଗଲା ଓଡ଼କର୍ମ ହେଲା ସାର
କର୍ମ ଭିଡ଼ିଲାକୁ ଯୋଗସୂତ୍ର ହେଲା ଯାଗଡିଆ ଲୀଳା କର୍ମ
ଯୌବନ ଛୁଟିଲା ଜରା ଜୀର୍ଣ୍ଣ ହେଲା ଉଦେ ହେଲା ଭକ୍ତିପଣ
ବିରଜା ଦେଶରେ ଜନମ ତୋହର ଭାବ ଉପୁଜିଲା କାହୁଁ
ହରି ଭକତିରେ ଜରା ଭିଡ଼ିଗଲା କର୍ମ ହେଲା ଏବେ ଦହୁଁ
ଭବ ବଂଧନରୁ ମୁକତି ଲଭିଲୁ, ପଣ ଜନ୍ମ ଗଲା ତୋର ...

ଏକାଦଶ ଜନ୍ମ ହେଲା ଯୋଗସୂତ୍ର, ପୂର୍ବ ପାରାବାର ଠାର
ବଳବିକ୍ରମରେ ବଳ ଅତିଶୟ ବଳନ୍ତୀନଗର ସ୍ଥାନ
ବୀର ଅଧିପତି ଖଣ୍ଡୁରାନା ଦେଶେ ଭବଦୀୟ ବାସସ୍ଥାନ
କର୍ମଯୋଗ ହେଲା ଅଯୋଗ ଖଣ୍ଡୁରାନା ରଜଯୋଗ
କାଳେନ୍ଦି ନାମରେ କର୍ମକାର କୁଳ ରଜକାର୍ଯ୍ୟ ହେଲା ଯୋଗ
ଭବ ଯାତନାକୁ ଜନମ ଲଭିଲା ଅଗ୍ୟାନ ପଂଜର ବାନ
ଧାତାଟି ଅଧାତା ପଣ କର୍ମ କଲା ଦାରୁଜ କୁଳରେ ନାଟ
କର୍ମହେଲା ସ୍ଥାନ ଧ୍ୟାନ ଛୁଟିଗଲା ଜନ୍ମଦାତ୍ରୀ ହେଲା ଦୂର
ଉଲ୍ଲୁକ ପଟଙ୍କ ପ୍ରାନ୍ତେ ମାତା ଗଲା ନେମାଳେ କାଟିଲୁ କାଳ
ଭବଯୋଗସୂତ୍ର ଭାବ ବିନୋଦିଆ ଭାବସଂଗେ ଦେଲା ଧ୍ୟାନ
ଗୃହସ୍ଥି ପଣରେ ଦିନ କଟିଗଲା ଭଜି ଭଜି କୃଷ୍ଣ ନାମ
ଗୁରୁ ଶିଷ୍ୟ ଭାବ ଯୋଗ ରହିଥିଲା ଏଥର ଜନମ ସାଙ୍ଗ
ଭାବଭକ୍ତି ଯୋଗ ଯୋଗ ରହିଥିଲା ନେମାଳେ ପାଇଲୁ ଠାବ
ଭାବ ମଞ୍ଜୁଷାରେ ଅଲକ୍ଷ୍ୟ ରୂପ ଲକ୍ଷଣ ପଟରେ ସାର
ଭାବ ଭକତିରୁ ଉପୁଜିଲା ପଦ୍ମ, ଶୂନ୍ୟ ତହିଁ ପ୍ରେମର
ଏକାଦଶୀ ଗଲା ବାସନା ତୁଟିଲା ନେମାଳେ ଦିନ ସରିଲା
ଭାବ ମଞ୍ଜୁଷାରେ ଜିଣବ୍ରହ୍ମ ଅଧା ସମାପନ ଲୀଳା ହେଲା
କର୍ମ ସରିଗଲା ଦିନ ଛୁଟିଗଲା କାଳ ଛୁଟିଗଲା ସତ
ତୋ ତୁଟିଗଲା ଯୋଗ ଛୁଟିଗଲା ଅରକ୍ଷିତ ଦାସ ହୀନ

ଭାବ ମଞ୍ଜୁଷାରେ ଭକତିଆ ଜନ ଭାବ ଗଦ ଗଦ ପଦ
ଅମୁହଂ। ଦେଉଳ ଅମୁହଂ। ଏବାଟେ ଭକ୍ତିଆ ଲୋକ ସାର
ଦିନକୁ ଅଦିନ ସମ ଅଟେ ପଥେ, ଅମନ ମନ୍ଦିର ସେହି
ଅଣସ୍ତମ୍ଭେ ରଖି ଦେଖ ଦରଶନ, ଅଣାକ୍ଷର ରୂପ ସେହି
ଅକ୍ଷର ବ୍ରହ୍ମ ସେ କ୍ଷରାକ୍ଷର ନହିଁ, ଅକ୍ଷରଟି ଶୂନ୍ୟ ବ୍ରହ୍ମ
ତୋ ହୃଦ ପଂଜରେ କର ଦରଶନ, ଅମୁହଂ ମନ୍ଦିର ସ୍ଥାନ
ବ୍ରହ୍ମଙ୍କୁ ଦେଖିବୁ ବ୍ରହ୍ମ ଗଦ ଗଦ ପଦକୁ ଭାବିବୁ ଦାସ
ବ୍ରହ୍ମ ବିଶଜଳା ନହୁବ ସେଠାରେ ହେବ ପିୟୁଷର ପାତ୍ର
ଉର୍ଦ୍ଧ୍ୱକୁ ଦେଖୁଲେ ଅର୍ଦ୍ଧକୁ ଦେଖିବୁ ଶୂନ୍ୟକୁ ଲୋଡ଼ିଲେ ମାଥି
ଜ୍ଞାନ ନୂପୁରକୁ ନିରେଖିବୁ ଯେବେ, ଦେଖାଦେବେ ଦିନ ପାତ୍ର
ସେହି ଅଟେ ମୋର ଭକତି ପଂଜର ସେହି ଅଟେ ଗୁରୁ ମୋର
ମୁଁ ତୁମର କିଂକର ଅରକ୍ଷିତ ଦାସ, ଓଳାସୁଣୀ ଠାବ ମୋର
ତୁହି ଅଟୁ ଶିଷ୍ୟ ଭାବ ଭକତିଆ ମୁହିଁ ତୋର ଦୀନ ଗୁରୁ
ପଞ୍ଚଧାତ ସଙ୍ଗେ ଜନମ ଲଭଇ ଏକାଦଶ ଜନ୍ମ ନେଇ
ମେରୁ ମଣ୍ଡଳରେ ଜନମ ଲଭିଲୁ ପଞ୍ଚ ଗୁରୁ ସଙ୍ଗେ ଧରି
ପଞ୍ଚଧା ଭକତି ଏକ ସଙ୍ଗ କରୁ, ତୁହି ଏକା ଭକ୍ତ ଶିରୀ
ଭାବ କୁମୁଦକୁ ଭଜିଲୁ ତୁ ନିତ୍ୟେ, ଭକ୍ତ ଜନ ହେଲେ ବାଉ
ଅଣଭକତିଆ ଜନେ ଭାବ ଲିହ, ଭବ ସମୁଦ୍ର ନିର୍ବାହୀ
ପାପ ତାପ କ୍ଲେଶ ସର୍ବ ହେବ ଦୂର, କୃଷ୍ଣନାମ ଜପ ସ୍ଥିର
ଏ ଭବସାଗରୁ ତରିଯିବା ପାଇଁ; କୃଷ୍ଣନାମ ତରି ସାର
ତେଣେ ଆଶ୍ରମୁ କରି ଅରକ୍ଷିତ, ନ ଜାଣଇ ଆନ କିଛି
ଏକା ଶୂନ୍ୟ ପଦେ ଶୂନ୍ୟ ମଥା ପିଟି, ମାଗୁଛି ଦୀନ ଅରକ୍ଷିତ

ରାମ ଚରଣେ ଦେଇ ଆଶ
ଉର୍ଦ୍ଧ୍ୱକୁ ଏତ ପଦେ ଦାସ,

ଭବ ସାଗରୁ କର ପାରି
ଅଜ୍ଞାନ ତିମିର ପ୍ରସରୀ ।

ଷଡ଼ ଅଂଗକୁ ବୃଥା ଗଲା
ଆଶ୍ରମୁ ପଦେ ସମର୍ପିଲା,

ଗୁରୁ ଚରଣେ ପଡ଼ି ଦାସ
ମାଗଇ ଆତ୍ମାର ସନ୍ଦେଶ ।

ହେ ଗୁରୁ ! ଭବ ଭୟ ହାରି
କୃପା ସାଗର କର ପାରି,

ସଂସାର ବିଷମ ମାୟାରେ
ଆତ୍ମା ମୋ ଭଜର ପଂଜରେ ।

ଜ୍ଞାନ ଅଜ୍ଞାଜନ କର ଜ୍ଞାନ
ଉଦଇ ..... ,
.........
କାଲ୍ଲିକୁ କଳପ ଅଛି ସ୍ଥିତି ।

ଭୁବନ ଭୂଷଣ ଯାହାର
ତାଙ୍କୁ କି ଦେବି ପଟାମ୍ବର ,
ତୁମେତ ପରମ ପୁରୁଷ
ତୋ ପଦ କ୍ରଦେ କଲି ଥାଣି,
ଯେବେ ଅଜ୍ଞାନ ରାଶି ମୋର
କୃପା କରିବି କୃପା କର
କଳଙ୍କ ତିମିର ନାଶନ
ହେ ଗୁରୁ ପରମ କାରଣ
ଅନାଦିନାଥ କୃପା କର
ମୋ ହୃଦ ପଂଜର ବିହର
ନିତ୍ୟ ତୋ ରୂପ ଦରଶନ
ଦେଖିଲ ଘିନି ତୋଷ ମନ
ତୋ ପଦରେ ମୁଁ ଟେକା ଷାର
ଶ୍ରୀ ଅଙ୍ଗେ ଉଜ୍ଜ୍ୱଳ ଆକର
ତୋ ସ୍ମରଣଟି ସିନ୍ଧୁ ସମ
କଳଙ୍କ ତିମିର ନାଶନ
ଯେବେ ଅଜ୍ଞାନ ଗୁରୁଦେବ
ଉଦ୍ବୋଧନ ଜନ୍ମ ସଂଦେଶ
କି ସ୍ଥାନେ କିଣ ପରି ଯିବି
କି ବା ବିଥର ଉହରି
କିଏ ବା ମାତ କେଉଁ ସ୍ଥାନ
ଅନ୍ତିମେ ପାଇବି କି ସ୍ଥାନ
ଗୁରୁପଦକୁ ଆଶା ମୋର
ସେ ଅଟେ କୃପା କର ଦ୍ୱାର
ଗୁରୁପଦ ଦର୍ଶନ ହିବ
ନିତ୍ୟ ବିହାର ପ୍ରାଣେ ଯୋଗ
ତୋର ସମ୍ଭୋଗେ ଦିନ ଯିବ
ଆଉର ଐଶ୍ୱର୍ଯ୍ୟ ନ ହିବ
ତୋ ଜନ୍ମ ସମ କୃପା କର
ସଦା ଉରଣା କାମ୍ୟ ମୋର
ଗୁରୁ ଦର୍ଶନ ବିନୁ ଆନ
ନ ହିବ କାମନା ଏ ମନ
ଭବ ବାସନା ନ ହିବ ମୋର
ଲଭିବି ତୁମ୍ଭର ପଦ୍ମର
ଜନମ ସ୍ଥାନ କୁଳ ଧର୍ମ
କିବା ଏ ବିଶ୍ୱର କାରଣ
ସିନ୍ଧୁ ବ୍ରହ୍ମାଣ୍ଡ ଯୋଗ ଧାମ
ଯେଉଁନ୍ତୁ ଗୁରୁ ବାଡ଼େଧାମ
ତୋ ପଦେ ଭରସା ଆବର
ଯେଉଁନ୍ତୁ ଗୁରୁ କୃପାକର

ସମାପ୍ତ ହେଲା କଳେବର ଗଲା ଉଡ଼ିଗଲା ଶୂନ୍ୟ ପକ୍ଷୀ
ଶୂନ୍ୟରେ ହଜିଲା ଦିବ୍ୟ ଜ୍ଞାନ ଥିଲା ଶୂନ୍ୟରେଟି ଗଲା ମିଶି
କଳେବର ହେଲା ଶାତ ପଣ ସମ ଚେନ ରହିଲା ଅଙ୍ଗ
ଅପୂର୍ବ ଶୁଭିଲା ହାହାକାର ସମ ଶିଷ୍ୟମାନେ ଭାବିଲେ ସଦ
ଚେତା ଉଡ଼ିଗଲା ଚୈତନ୍ୟ ହଜିଲା, ଅଙ୍ଗ ହେଲା ସ୍ଥିର ସାର
ଭବ ଉଡ଼ିଗଲା ଭାବ ଭାସିଗଲା କଳେବର ହେଲା ସ୍ଥିର
ଶୂନ୍ୟରୁ ଖସିଲା ଭାବସ୍ରୋତ ଧାରା ଶୂନ୍ୟରେ ମିଶିଲା ଶଶୀ
ଭାବ ବିନୋଦିଆ ଅରକ୍ଷିତ ଦାସ ଭାବ ପରଶିଲେ ବସି
ଅଣ ମୁହାଁଣିରୁ ଅଣଚାଣ ଅଣସୂତ୍ରେ ଛିଡ଼ୁଥିଲା
ଅଣଚାଣ ଦ୍ୱାରେ ଅଣଚାଣ ରୂପ ଦିବ୍ୟଶିରୀ ବିକଶିଲା
ଅମୁନା କଲମ ସୂତ୍ରେ ଚାଲୁଥିଲା ଫଂଚେଟି ପତ୍ର ସାର
ତାଳପତ୍ର ମୁନେ ଅମୁନା ଲେଖନ ମଞ୍ଜୁଷା ନାମଦୋହାର
ଭାବମଞ୍ଜୁଷାରେ ଷିଣତ୍ରୟ ଅଧ୍ୟାୟ ଦାସ ଲେଖୁଥିଲେ ବସି
ରାମଦାସ ମୋର ହୃଦୟ ପଂଜର ତିମିର ଅନ୍ଧାରେ ଶଶି
ସହସ୍ର ଭକତ ମଧ୍ୟେ ଭାବ ଫୁଟି, ତାରକା ସମ ଆକର
ବଡ଼ଜଣଙ୍କର ହୃଦୟର ଶଶି, ନାମ ରାମଦାସ ତୋର
ଭାବରେ ବାନ୍ଧିଲୁ ବଡ଼ଜଣ ଗୁରୁ, ଭାବରେ କଲୁ ସ୍ଥିର ଏକ
ଅରୂପ ମୁହାଁରେ ରୂପ ନାହିଁ ଜେଣେ ଭବବିନୋଦିଆ ସେଠ
ଯୋଗସୂତ୍ର ଜ୍ଞାନ ମାଗିଲୁ ତୁ ଦାସ, କି ଭାବ ପରଶି ବାଇ
ସେ ଯାହା କହଇ ମୁଁ ତାହା ନିହଇ ସେ ଅଟଇ ଭାବଗ୍ରାହି
ହୀନ ତୁଟିକର ପଣରେ ଦ ଦାସ ପାରୁଟିଲୁ କରେ ପାନ
ନ ଜାଣଇ ଆନ ରଜ କାର୍ପଣ୍ୟ ଜ୍ଞାନି, ଶୂନ୍ୟ ଅଟେ ମନ ମୂନ
କି ଜ୍ଞାନ ଦେବି ମାଗିଲୁ ତୁ ସାର ବାତୁଳ ପଣରେ ବସି
ନାହିଁ ଆଶୀର୍ବାଦ ନିର୍ଦ୍ଦୟ ଏଠାରେ, ଭକ୍ତେ ବିଶ୍ୱ ପଡ଼ିଅଛି
ଅଜଣର ପ୍ରାୟ ବିଶ୍ୱ ପଡ଼ିଅଛି ବାଦ ଚାଲିଅଛି କେତେ
କେତେବେ କହଣ ଏହୁଟି ଏ ଦେହ କିବା ମୁଖ୍ୟପଦ ମଧ୍ୟେ
କିଏବା କହଇ ଅଣ-ସ୍ୱରୂପ ଏ, କିଏ କହେ ଦୀନ ଭିକ୍ଷୁ
କିଏ କହେ ଅବା ଯୋଗସୂତ୍ର ପାଇ, କିଏ କହେ ହୀନ ଭିକ୍ଷୁ
କିଏ କହେ ଅବା ଗୁଣିଙ୍କ ପଣରେ କେ କହେ ଗୁଣାନ ସୂତ୍ର
କେ କହେ ହଜାର ବିଦ୍ୟା ସାଧୁଅଛି, କେ କହେ ଭକତ ମେଧ
ଭିନ୍ନ ଭିନ୍ନ ରୂପ, ଭିନ୍ନ ଭିନ୍ନ ଯୋଗ, ଅଭିନ୍ନ କହଇ ବାପ
ଅଙ୍ଗକୁ ଧରେ ନିରେଖୁଥିଲେ ବାର, ଦେଖିବୁ ନିଜ ସ୍ୱରୂପ
ସେ ରୂପ ମଧ୍ୟରେ ରୂପ ରହିଅଛି, ଦିବ୍ୟ ତେଜ ମନୋହର
ମାଟି ପଂଜରରେ ଗଢ଼ା ରହିଅଛି, ନାମ ତା ଅଟେ ସୁନ୍ଦର
୭୦୨ ଷଷ୍ଠି କାଠିରେ ଲାଗିଛି ୮୪ ଅଟେ ଗଣ୍ଠି
ବାଆ ବତାସରେ ହଜି ସେ ଯାଏନି, ଦୁନା ଟୁଟି ଅଟେ ଗଣ୍ଠି

ତା ହୃଦ ପଂକଜରେ ମଧ୍ୟରେ ଜାଜ୍ଜ୍ୱଳ ଭାବମୟ ସ୍ୱରୂପ
ଅରୂପ ଦର୍ଶନେ ତୋ ରୂପ ଦେଖିଲେ ମନ ସ୍ଥିର ହେବ ନିତ୍ୟ

ନାମ ତା ଅର୍ଥରେ ଶୂନ୍ୟ ମଠ ନାମ ଅଛି ଯତନେରୁ ଧାତା
ଗଢ଼ିଛି ନିଯୁତି ଅଛି ଯତନରେ ନାମ ସେହି ସୃଷ୍ଟିକର୍ତ୍ତା

ଅମଠ ମଧ୍ୟରେ ଠମ ମଧ୍ୟରେ ସୁନ୍ଦର ମୂରତି ଏକ
ବ୍ରହ୍ମ ଚୈତନ୍ୟ ରୂପ ଧରି ଅଛି ଅମନ ମନ୍ଦିର ଯୋଗ

ସେ ମଠ ମଧ୍ୟରେ ରହିଅଛି ଜ୍ୟୋତି ଅଚିହ୍ନ ସମ୍ଭାର ତୋର
ଜ୍ଞାନ ମଞ୍ଜୁଷାଟି ଲୁଚି ରହିଅଛି, କଳଙ୍କ ପଟେ ତୋର

କଳି କଳେବର କଳ୍ମଷ ଲାଗିଛି, ମଳିଆ ଲାଗିଛି କେତେ
ମୁକୁର ହୋଇଛି କର୍ଣ୍ଣେ କଳଙ୍କିତ ସଦ୍ୟେ କାଚପତ୍ର ସତେ

ଦେଖିଲେ ତୁ ରୂପ ଦେଖୁନାହୁଁ ଜାଣ ଦିବ୍ୟ ଜ୍ୟୋତି ହେଲେ ସାର
କଳଙ୍କ ହରିବ ଅକଳଙ୍କ ହେବ, ଜ୍ୟୋତିର୍ମୟ ରୂପ ଯୋଗ

ଅମନ ମନ୍ଦିର ଅଟେ ଦ୍ୱାର ଦ୍ୱାର ଚାରି ସପ୍ତ ସମ ଦ୍ୱାର
ଅସୁହଁ ତିମିର କବାଟ ଲାଗିଛି, ଚତୁର୍ଦିଗ କର ସ୍ଥିର

ଧମଣା କାଠରେ ଧମଫଂଦର ଅଛି ଧମଯୋଗଟି ତାର
ଅଭରଣୀ କର କାଢ଼ିଣି ଦେଉଛି, ସୁଖ ପୁଣ୍ୟ ନୁହେଁ ସ୍ଥିର

କର୍ମ ଯୋଗାସନ ଧର୍ମ ଦିବ୍ୟ ଜ୍ଞାନ, ତୋ ହେତୁ କର ଦାସ
ତେବେ ତୁ ଜାଣିବୁ ଅମନ ମନ୍ଦିର, ମଠ ଦ୍ୱାର ହେବ ସ୍ଥିର

ଚାରିଦ୍ୱାରେ ଚାରି ଦ୍ୱାରି ଜଗିଛନ୍ତି, ଚତୁର୍ଥା ରୂପକୁ ଧରି
ନିଜେ ଶ୍ରୀପତି ଅମନେ ବସିଛି, ଏକା ସେହି ଚକ୍ରଧାରି

ଯୋଗାସନ ଯୋଗ ରୁଦ୍ର ରହିଅଛି, ଯୋଗଚାରି ଜନ ମାନ
ଚୁଟିଣ ନିଯୋଗି ଯୋଗ ଚାଲିଅଛି, ନିତ୍ୟ ଖେଳ ବୃନ୍ଦାବନ

ରାଧାମାଧବଙ୍କ ଲୀଳା ଚାଲିଅଛି ନିତ୍ୟ ଆଶ ପୁଂଜ ତାର
ନିତ୍ୟେ ବସୁଅଛି ଅବସନ୍ତ ଯାକ ବସନ୍ତ ସୁଷମାର ଦ୍ୱାର

ମଠରେ ମହନ୍ତ ନାହିଁ ଶୂନ୍ୟ ଅଛି, ନାହିଁ ସଦା ଚୈତନ
ବ୍ରହ୍ମପତି ଏକ ଯୋଗ ସାଧୁଅଛି, ସେ ମନ ମନ୍ଦିର ସ୍ଥାନ

ଅକାଳ ବୃକ୍ଷରେ ଫଳ ଫଳିଅଛି, ନିକାର ହୋଇଛି ତାକ
ନିକାର ବଳରେ ଫୁଟିଅଛି ପଦ୍ମ . ବାସନା ନାମଟି ତାର

କାମନା ପୁଷ୍ପରୁ ବାସ ହେଉଛି, ଯୋଗାକାର ଯୋଗୀ ଜନ
ଓଲଟ ପାଦପ ବୃକ୍ଷ ଖେଳୁଅଛି, ତୋ କର ଚୈତନ

ଅଙ୍ଗ ଲାଗିଅଛି ମାଟିକା ପଞ୍ଜରେ ମୂଳ ରହିଅଛି ଶୂନ୍ୟେ
ଓଲଟ ପଦ୍ମରେ ନିତ୍ୟ ଲୀଳା ଦାସ, ନିତ୍ୟ କୁଞ୍ଜର ରୂପ ଧ୍ୟାନେ

ଭାବ ସରୋବର ମଧ୍ୟରେ ରହିଛି, ଫୁଟିଛି ପଦ୍ମ ସରସ
ସହସ୍ର ଶୀକର ମଧ୍ୟେ ଶଶିଧର, ପଦ୍ମ ଅଟେ ସରୋବର

ମାନସ ନାମରେ ପଡିଲ ରହିଅଛି, ମନ ସରୋବର ସ୍ଥିର
ନରହରି ବୋଲି କ୍ରୀଡ଼ା କରୁଛନ୍ତି, ମାଈ ଅଣ୍ଡିରା ତୀରର

ମାଈ ଖେଳୁଛନ୍ତି ହଂସ ଉଡ଼ିଗଲା, ହଂସ ପାଟି ହେଲା ଅସ୍ତ
ଅଣ୍ଡିରା ଥାପିଲା ଅଣ୍ଡ ନପନାଏ, ମାଈ ହେଲା ହତସାର

ଓଲଟ ପଦ୍ମରେ ଫୁଲ ଫୁଟିଥିଲା, ଅଣ୍ଡିରା ପାଡିଲା ଅଣ୍ଡ
ବ୍ରହ୍ମାଣ୍ଡ ଭାଣ୍ଡରେ ଶୂନ୍ୟ ହେଲା, ଚଉପାଳେ ଖେଳା ପାଶ

ସେ ଅମନ ମନ୍ଦିରରେ ଯୋଗାଶରେ ସୁଶୂନ୍ୟଟି ନିରାକାର
ତା ପଦରେ ଦ୍ୱାରି ପଞ୍ଚ ପଞ୍ଚାଶରି, ପଞ୍ଚ ପ୍ରକୃତି ତୋହର

ପଚିଶ ପ୍ରକୃତି ଅଟେ ନିଯୋଗୀ ସେ, ଚୁଟିଶ ନିଯୋଗି ଧାଇ
ଅମନ ସୁମନ ଦେନି ମନଚୋର, କେତେ ହେଲେ ନ କଲଇ

ହେଟ ଉଡିଆ ଚେଟି ରଙ୍କିମାରେ, ଦ୍ୱାଦଶ ଆଦିତ୍ୟ ସ୍ଥିତି
ନାହିଁ ଜାତିଭେଦ ଜିବାକର ଯୋଗ ନ୍ତେଉଡିଆ ମାତିଛି

ଚେଟିଆଣି ପଣେ ବାସନା ଛୁଡ଼ିଲେ ଜ୍ଞାନନୟନ ଦେଖିବୁ
ଶ୍ରୀ ନୀଳାଚଳରେ ଲୀଳା ଲାଗିଅଛି, ନିତ୍ୟ ଦର୍ଶନ ପାଇବୁ

ଅନିତ୍ୟ ମନରେ ନୀତି ହେଜୁଥିବୁ, କରିବୁ କୈବଲ୍ୟ ଗ୍ରାସ
ନିତ୍ୟ କୈବଲ୍ୟ ଅନିତ୍ୟ ହନିଛି, ଯେବେ ଆଶା କରୁ ଦାସ

ଖଡ଼ରିପୁ ଯୋଗ ହୋଇଛନ୍ତି ଦ୍ୱାରି, ପୂର୍ବଦ୍ୱାର ରୋକେ ରହି
ପଚିଶ ପ୍ରକୃତି ବିନାଶି ପରାୟେ, ବାଟକୁ ଅବାଟ ନିହି

ଚୈତନ୍ୟ ଚୁଡ଼ିଛି ଚେତା ହନିଅଛି, କାର ନାହିଁ ସ୍ଥିର ପଣ
ଭାବ ବିନୋଦିଆ ମୁକୁନ୍ଦ ହଟିଆ ତା ମଧ୍ୟେ ଖେଳିଛି ଦିନ

ଚାରିଦ୍ୱାରେ ଚାରି ଯୋଗସ୍ଥିତ ହୋଇ, ପଶିବୁ କେସନେ ଦାସ
ଭାବ ବିନୋଦିଆ ଅରକ୍ଷିତ ଦାସ, ଅମନ ମନ୍ଦିରେ ବାସ

ପ୍ରକୃତିକି ଯେବେ ଛେଦିବୁ ଅମନେ, ନିବୃତ୍ତିକି ଦେବୁ ବାସ
କୋଶାୟ ବସନେ ଯୋଗାସନ ଧ୍ୟାନେ, ନିତ୍ୟ ତେଜ ହେବ ସତ୍ୟ

ଶରଧା ବାଲିରେ ଶ୍ରଦ୍ଧା ହଜାଇବୁ, ଅଶ୍ରଦ୍ଧା କରିବୁ ବିଷ
ଭବକୁ ବସିବୁ ଭାବ ବିନାଶିବୁ, ତା ପଦେ ଦେଖିବୁ ଦାସ

କାମନା ହନିବ କମନ ଲୋଟିବ, ସୁମନ ଝସିବ ଖସି
ଭାବ ପରଶିବ ଅମନ ମନ୍ଦିରେ, ଜ୍ୟୋତି ପ୍ରକାଶିବ ନିତି

ମାଳାରେ ନଥିବ ଗଳାରେ ନଥିବ, ଠାକୁରେ ଟିହିବ ଲୁଟି
ଭବଗ୍ରାହି ପଦେ ଭବ ଉଭାଇଲେ, ଯୁଗ ପେଷାଯିବ ଶଶି

ପଛରେ ପୋଛିଲେ ନ ପୋଛି ହୋଇବ, ଯଦ ଯଦେ ହିବ ଭାବ
ଭାବ ବିନୋଦିଆ କୃଷ୍ଣ ପଦେ ଆଶ, ଅରକ୍ଷିତ ଦୀନ ଦାସ

ତେବେ ତୁ ପାଇବୁ ନିତ୍ୟ ଦରଶନ ଅନିତ୍ୟ ଏ ଜଗେ ମାଟି
ପିଣ୍ଡକୁ ବ୍ରହ୍ମାଣ୍ଡ ମଧ୍ୟେ କଲେ ତୁର ରଦେ ଦେଖାହେବେ ଶଶୀ

ଅମନ ପଣରେ ମନକୁ ବାନ୍ଧିବୁ, କର୍ମକୁ କରିବୁ ଦୃଢ଼
ସତ୍ୟକୁ ବାନ୍ଧିବୁ ଅଙ୍ଗପତନରେ ବ୍ରହ୍ମାଣ୍ଡ କରିବୁ ସ୍ଥିର
ତୋତେ ବାନ୍ଧିବୁ ଚୈତନ୍ୟ ମୂଳେ କର୍ମକୁ ବାନ୍ଧିବୁ କରେ
ଯେବେ ଦରଶନ ଅମନ ମନ୍ଦିରେ, କୃପା ହେଲେ ଦନକରେ

- - - -

ଅଜ୍ଞାନି ଅରକ୍ଷିତ ଦାସ     ତୈରେଜନମ ପଣ ଭାବଲୁଶ
ଭବେ ମାଟି ପଞ୍ଜିରୁ ଏ ଛୁଡ଼ିବ     କର୍ମଗୁଣରେ ଦିନ ହଜିଯିବ

ସଖା ସହୋଦରୁ କେହି ନ ଯିବେ     ଐଶ୍ୱର୍ଯ୍ୟ ଅଶୁଚିତେ ରହିବେ
ନଭଜିଣ କହା ମୋ ଏ ପ୍ରାଣ     ମାଟିପିଣ୍ଡେ ମାଟି ମଧ୍ୟ ଆସନ

ଭଜ କର୍ମ ଯୋଗ ହୋଇବ ସ୍ଥିର
ଭାବ ସଙ୍କଟ ହୋଇବ ଅସ୍ଥିର

- - - -

ଗୁରୁ ପଦେ ରଖି ମାଥି     ଦୀନ ଏବ ରାମ ଦାସ
କି ଛୁଲରେ କରି ବାସ     ଆଶା ନ କଲା —

ହରାଣାରେ ବୁଡ଼ିଲା କାଳ
ଦୀନବନ୍ଧୁ ଆଜ୍ଞା କରି ନ ଲାଗେ କୂଳ

ଭକ୍ତ ପଣ ଭାବସ୍ରୋତ, ଅଜାଣତେ ନିଜ ଶାସ୍ତ୍ର
କଳେବର କାଳଯାତ କେମଣ ଧର୍ମ
ଅପଧନ ହୋଇଲା ଶିରୀ
ଶ୍ରୀପତି ପଦେ ମଥା ଉଭାଇ କରି

କର୍ମ ସତ୍ୟ ଧର୍ମ ଜ୍ଞାନ, ଯୋଡ଼ ଗୁରୁ ତତ୍ତ୍ୱ ଧନ
ତୃଷା ନିବାରଣ କର ଭବିଷ୍ୟ ଜ୍ଞାନ
ତୋର ସଙ୍ଗେ ବିହରୁ ହରି
ତୋର ନିନ୍ଦା ସଙ୍ଗେ ମୋର ଯୋଗ ଦେଖୁଛି

ଜ୍ଞାନ ସତ୍ୟ ହେଲା ସ୍ଥିର, ଚଉଦିଗ ଜ୍ୟୋତିର
ଯେଉଁ ମାପି ଦେଲ ଦ୍ୱାର ଉଦ୍‌ଘାଟିଲ ଶଶୀ
ଅରକ୍ଷିତ ଜ୍ଞାନେ ଭାସଇ
ଶୂନ୍ୟବାସି ମଧ୍ୟେ ଶୂନ୍ୟ ମନ୍ଦିରେ ରହି

କର୍ମ ହୋଇଲା ଅକ୍ଷର ଚୌଦର, ବେଦ ଅକ୍ଷର ହୋଇଲା ପ୍ରଥର
ତ୍ରୟୋଦଶ ଜନମ କୃପାକର, ଓଡ଼୍ରାକ୍ଷେତ୍ର ଜନମିବୁ ଆକର

ଶ୍ରୀକ୍ଷେତ୍ର ଶ୍ରୀଧର ଏକ ଧାମ, ପୂର୍ବ ଭାଗ୍ୟରେ ସ୍ଥାନ ଏ ଗୋପନ
ଦେବୀ ଗୋଦାବରୀ ଯୋଗ ସନ୍ଧି ସ୍ଥାନ, ନୟାଳି ଆପଂଜର ଦିବ୍ୟ ଗୋପନ

ବାଇଶ ଯୋଡ଼ି ଯୋଗ ହୋଇଥିବ, ଚେଲସରା ପୁର ନାମଟି ଥିବ
ଭାବ ବିନୋଦିଆ ଭାବ ଆବରି, ଜନ୍ମ ଲଭିବୁ ତୁହି ସେହି ପୁରୀ

ଜ୍ଞାନ ପଣରେ ଅଜ୍ଞାନି ହୋଇବୁ, ଭଣର ମଧ୍ୟେ ଶରଧା ଲଭିବୁ

- - - କର୍ମଯୋଗ ହେବ ସାର, କୃଷ୍ଣକୃତ ସନ୍ତାଧର
ଚେଲସରା କୂଳ ଠାବ ଜନମସ୍ଥାନ
ନରହରି ନାମଟାର, ପିତୃ ପିଅର ଆକର
ମାତା ସୁନ୍ଦରୀ ଆକର ସେ ପୁର ଥାନ

ଜ୍ଞାନ ମଧ୍ୟେ ଶଣି ଦେଖିଲୁ, ଗୋଦମ୍ବା କୂଳରେ ଜନ୍ମ ହୋଇବୁ ତୁହି
ଓଡ଼ିଶା କୂଳ ଥିବ, ଜ୍ଞାନ ନିତ୍ୟ ହଜିଥିବ

ଏକରୁ ହୋଇବ ଅଷ୍ଟାଦଶ ଆକର, ହୀନ ଜ୍ଞାନ ହୀନ ଏ ରୂପ
କଳା କୋନ ପ୍ରାପ୍ତ ତୋର ଭଡ଼ିବ ଗାତ୍ର

ଯୋଗସୂତ୍ର ଜ୍ଞାନ ହୋଇବ ସେଥରେ ଅଜ୍ଞାନ ତିମିର ଘନ
ଅପଧାନ ହେବ ଜନ୍ମର ସୁଣ ଏ, ଯୋଗ ହେବ କର୍ମ ସ୍ଥାନ

ସତ୍ୟ ଛୁଡ଼ିଯିବ ଅସତ୍ୟରେ ଥିବ, ସ୍ଥାନ ଥିବ ଗୁପ୍ତେ ରହି
ସୁଭଦ୍ରାଙ୍କ ସ୍ଥାନ ପାକର ଏ ଜ୍ଞାନ, ସୁଭଦ୍ରା ପାହୁରେ ରହି

କଳ୍ପବଟ ଥିବ କଳବଣ ବାସି, ଜପ କରୁଥିବେ ନାମ
ଗୋବର୍ଦ୍ଧନ ପୀଠ ଜନେ କରୁଥିବେ, କର୍ମ ନ ଥିବ କି ସ୍ଥାନ

ଗୋଦବରୀ କୂଳରେ ବଟ ଉଠୁଥିବ, ଶୂନ୍ୟ ବଟ ହେବ ସାର
ଶ୍ୱେତବଟ ହେବ ଗୋଦମ୍ବ ସଂଗରେ, ନାମ ଜପୁଥିବେ ସାର

ଗୋଦମ୍ବା କୋଳରେ ଦଣ୍ଡ ହୋଇଥିବୁ, କଇରି ଧାନାରେ ରହି
ବନବିହାରି ଏ ବନବାସ ଗଲେ, ତୋ ଥିବ ଭାବଗ୍ରାହି
ବଂଶ ଛୁଡ଼ିଯିବ ଅକିଂଶ ଆସିବ, ଯୋଗ ହେବ ଚୈତନ୍ୟ
. . .